## ସଂକ୍ଷେପରେ

### ଆଙ୍କୋରଡ଼ାରେ ମା' ମହୁରୀକାଳୁଆ ଯାତ୍ରା ଆରମ୍ଭ



**ହିଞ୍ଜିଳିକାଟୁ,୧୨ା୧୧(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ପୌରାଞ୍ଚଳର ଆଙ୍କୋରଡ଼ାରେ ମା'ମହୁରୀକାଳୁଆ ବାର୍ଷିକ ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୭ ଦିନ ପର୍ଯ୍ୟନ୍ତ ଚାଲିବ। ବ୍ରହ୍ମପୁର ନିକଟ ମା'ଙ୍କ ମୂଳପୀଠ ମହୁରୀ କାଳୁଆ ଠାରୁ ସୋମବାର ସନ୍ଧ୍ୟାରେ ଅଜ୍ଞାମାଳକୁ ଯାତ୍ରା କମିଟି ସଦସ୍ୟ ଓ ଆଖପାଖ ଅଂଚଳର ବହୁ ଜନ ସାଧାରଣ ପଟୁଆରରେ ଆଣିବା ପରେ ଅସ୍ଥାୟୀ ମନ୍ଦିରରେ ଅବସ୍ଥାନ କରାଯାଇଥିଲା । ଆଜ୍ଞାମାଳ ଆସିବା ବେଳେ ଯାତ୍ରା ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଉପାଧକ୍ଷ ସୁବାସ ପଲେଇଙ୍କ ସହ ପ୍ୟାରୀ ମୋହନ ପାଢ଼ୀ, କିରଣ ନାହାକ, ଯୁଧିଷ୍ଠିର ସ୍ୱାଇଁ ,ସନାତନ ନାହାକ, ଯୋଗୀନ୍ଦ୍ର ସ୍ୱାଇଁ, ବିଜୟ ନାହାକ ପ୍ରମୁଖଙ୍କ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ମା'ଙ୍କ ଆଜ୍ଞାମାଳକୁ ପ୍ରତ୍ୟେକ ସଂଧାରେ ଗ୍ରାମରେ ପରିକ୍ରମା କରାଯିବ। ବୁଧବାର ଅଧିବାସ ଓ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇ ଶନିବାର ପୂର୍ଣ୍ଣାହୂତି ହେବ। ଆସନ୍ତା ସୋମବାର ମା' ମହୁରୀକାଳୁଆଙ୍କୁ ସ୍ୱସ୍ଥାନକୁ ମେଲାଣି ଦିଆଯିବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**କନିଷ୍ଠ,୧୨ା୧୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ରଣ୍ଡା ବ୍ଲକରେ ଥିବା ଶ୍ରୀକୃଷ୍ଣା ହୋଟେଲରେ କାମ କରୁଥିବା ଜଣେ ଯୁବକ ସୋମବାର ଭୋରରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେ.ନୂଆଗାଁ ଥାନା ଓଳପୁର ଗ୍ରାମର ମୁନା ବେହେରା। ଏନେଇ ନଂ. ୨୨/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଉକ୍ତ ହୋଟେଲରେ କାମ କରୁଥିବା ସୁବାଷ ଓ ମୁନା ରବିବାର ରାତିରେ ଶୋଇଥିଲେ। ସୁବାଷ ଭୋରରେ ମନ୍ଦିରକୁ ଯାଇଥିବା ବେଳେ ମୁନା ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳୁ ହୋଟେଲ ମାଲିକ ମୁନା ଶୋଇଥିବା ଘର କବାଟ ବାଡେଇଥିଲେ ମଧ୍ୟ କେହି ଖୋଲିନଥିଲେ। ସନ୍ଦେହ ହେବାରୁ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ସଦସ୍ୟ ଓ ମାଲିକ ଗୋଳନ୍ଥରା ଥାନାକୁ ଜଣାଇଥିଲେ। ଗୋଳନ୍ଥରା ଥାନାଧିକାରୀ ଡ. ଆଲୋକ ଜେନା ପହଞ୍ଚି କବାଟ ଭାଙ୍ଗି ମୁନାଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଅଟକିଛି ବଟେଶ୍ୱର ପୀଠର ବିକାଶ: ଆନ୍ଦୋଳନ ଚେତାବନୀ

**ଗଞ୍ଜାମ/ଛତ୍ରପୁର, ୧୨ା୧୧(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ଗଞ୍ଜାମ ବ୍ଲକ ହୁମ୍ମାସ୍ଥିତ ଜାତୀୟ ରାଜପଥଠାରୁ ୫ କିମି ଦୂରରେ ବଟେଶ୍ୱର ମହାଦେବଙ୍କ ମନ୍ଦିର । ବଟେଶ୍ୱରଙ୍କ କୃପା ପାଇବା ପାଇଁ ଭକ୍ତମାନେ ଏଠାକୁ ଟାଣି ହୋଇ ଆସିଥାନ୍ତି। ମନ୍ଦିରଠାରୁ ୧ କିମି ଦୂରରେ ଥିବା ସମୁଦ୍ର ବେଳାଭୂମି, ଘନ ଝାଉଁ ଓ କାଜୁ ଜଙ୍ଗଲର ସୁସ୍ଥ, ମନୋରମ ପରିବେଶ ଅତ୍ୟନ୍ତ ମନଲୋଭା। ପର୍ଯ୍ୟଟକମାନେ ମଧ୍ୟ ଆସିଥାନ୍ତି। ଅନ୍ୟପକ୍ଷରେ ବଟେଶ୍ୱର ମନ୍ଦିରର ବିକାଶ ହୋଇପାରୁ ନ ଥିବାରୁ ପର୍ଯ୍ୟଟକ ଓ ଭକ୍ତ ନିରାଶ ହେଉଛନ୍ତି। ମନ୍ଦିରର ବିକାଶ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଭକ୍ତମାନେ ବିପଦସଙ୍କୁଳ ଅବସ୍ଥାରେ ମନ୍ଦିର ଭିତରକୁ ଯାଉଛନ୍ତି। ଏ ନେଇ ବଟେଶ୍ୱର ମହାଦେବ ଐତିହ୍ୟ ସଂରକ୍ଷଣ କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତୁରନ୍ତ ମନ୍ଦିର ବିକାଶ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି । ଆନ୍ଦୋଳନରେ ନୀଳାଦ୍ରିପୁର, ଖଟୁଆକୁଦା, କଣ୍ଟିଆଗଡ, ପୋଡମପେଟା, ମୟୂରିପଦା, ଗୋଖରକୁଦା ଗାଁବାସୀ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

ବଟେଶ୍ୱରଙ୍କ ମନ୍ଦିର ବହୁ ପୁରାତନ। ସାମୁଦ୍ରିକ ଲୁଣି ପବନ ଏବଂ ପରିବେଶ ପ୍ରଭାବରୁ ଏହା ଦୁର୍ବଳ ହୋଇଯାଇଥିବାରୁ କେତେବେଳେ ଯେ ଭୁଶୁଡି ପଡିବ କହି ହେଉନି। ପ୍ରଭୁ ରାମଚନ୍ଦ୍ର ଏହି ଶୈବ ପୀଠରେ ପୂଜାର୍ଚ୍ଚନା କରିଥିବା କଥିତ ଅଛି । ୧୮୪୭ ରେ ବ୍ରିଟିଶମାନେ ସାଏବ କେନାଲରେ ଯିବା ଆସିବା କରିବା ବେଳେ ବାଲି ତଳୁ ଏହି ମନ୍ଦିରକୁ ଉଦ୍ଧାର କରିଥିଲେ । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ହେଉଥିବା ଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୁଏ। ଏହାକୁ ବାଲି ଯାତ୍ରା ମଧ୍ୟ କୁହାଯାଇଥାଏ । ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ଟଙ୍କାରେ କେବଳ ପାହାଚ ତିଆରି ହୋଇଛି । ମନ୍ଦିରର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି ବୋଲି ଖବରଦାତା ସମ୍ମିଳନୀକୁ ଡକାଯାଇଥିବା ଗଞ୍ଜାମ ବିଡିଓ ଜ୍ୟୋତି ଶଙ୍କର ରାୟ, ତହସିଲଦାର ଅବନୀ କୁମାର ସାହୁ, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଇନ୍ସପେକ୍ଟର ବିଶ୍ୱଜିତ ରାଉତରାୟଙ୍କୁ କମିଟି ପକ୍ଷରୁ ଅବଗତ କରାଯାଇଥିଲା। ତେବେ ମନ୍ଦିର ବିକାଶ ଆବଶ୍ୟକ ଥିବା ସେମାନେ କହିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଡିଓ କହିଛନ୍ତି। ଖବରଦାତା ସମ୍ମିଳନୀରେ ବଟେଶ୍ୱର ମହାଦେବ ଐତିହ୍ୟ ସଂରକ୍ଷଣ କମିଟିର ସଭାପତି ପୀତାମ୍ବର ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ କାହ୍ନୁ ଚରଣ ସାହୁ, ସହ ସମ୍ପାଦକ ପି ଚନ୍ଦ୍ରମଣି ରେଡ୍ଡୀ, କୋଷାଧ୍ୟକ୍ଷ ରଞ୍ଜିତ ପଲାଇ, କାର୍ଯ୍ୟକାରୀ କମିଟି ଉପଦେଷ୍ଟା ଦିଲୀପ ଛୋଟରାୟ, ସଭ୍ୟ ପବିତ୍ର ସ୍ୱାଇଁ, ଯୁଧିଷ୍ଠିର ରେଡ୍ଡୀ, ଡି ଗୁରୁମୂର୍ତ୍ତି ରେଡ୍ଡୀ, ଏସ ମୁସଲେୟା, ନିରାକାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଶନକାର୍ଡ ଭଡାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେବେ ନାହିଁ: ବିଧାୟକ

**ଗୋପାଳପୁର,୧୨ା୧୧**

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ ଯେପରି ଅଭାବ ନ ହେବ ସେଥିଲାଗି ୯ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସୋମବାର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ ଓ ବ୍ଲକ ଉପାଧ୍ୟକ୍ଷ ଅଜିତ ଦାଶ ଯୋଗ ଦେଇଥିଲେ । ଦୁବପଲ୍ଲୀ ଓ ହଳଦିଆପଦର ଗ୍ରାମରେ ପାନୀୟ ଜଳ ଯୋଗାଣ ଓଭରହେଡ ଟ୍ୟାଙ୍କ ଉଦ୍‌ଘାଟନ କରାଯାଇଥିଲା । ଢ଼େପନୂଆପଡ଼ା, ମେଣ୍ଢରାଜପୁର, ଶାସନପଦର, ରଙ୍ଗିପୁର, ରାଳବ ଓ ହଳଦିଆପଦର ଗ୍ରାମରେ ପାନୀୟ ଜଳ ଯୋଗାଣର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା । ହଳଦିଆପଦରସ୍ଥିତ ସଦାନନ୍ଦ ବିହାର ଓ ଶକ୍ତି ନଗରରେ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ବିଧାୟକ ପାଣିଗ୍ରାହୀ ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ରାଶନକାର୍ଡରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଖୁବଶୀଘ୍ର କାର୍ଡ ପ୍ରଦାନ କରାଯିବ। ଏଥିସହ ବିଭିନ୍ନ ପ୍ରକାର ଭତ୍ତାରୁ ଯେଭଳି ହିତାଧିକାରୀ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି କହିଥିଲେ । ଏହି ଅବସରରେ ଜିଲା ବିଜେଡି ମହିଳା ଉପସଭାନେତ୍ରୀ ରାଜେଶ୍ୱରୀ ଦୋରା, ମଞ୍ଜୁଶ୍ରୀ ଦଳାଇ, ବ୍ଲକ ବିଜେଡି ସଭାପତି ସିଏଚ ଭରତ ପାତ୍ର, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, କନିଷ୍ଠ ଯନ୍ତ୍ରୀ ସମୀର ପଟ୍ଟନାୟକ, ରବୀନ୍ଦ୍ର ଚୌଧୁରୀ, ଜିଲା ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ଗୋବିନ୍ଦ ରେଡ୍ଡୀ, ରଶ୍ମିତା ପଟ୍ଟନାୟକ, ଜି. କାମେଶ୍ୱରୀ ରେଡ୍ଡୀ, କେ. ସସ୍ମିତା ରେଡ୍ଡୀ ଓ ଅନିଲ ପତିଙ୍କ ଶତାଧିକ ବିଜେଡି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ବିଧାୟକ ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି ।

**ରାମଗିରି/ଆର.ଉଦୟଗିରି,୧୨ା୧୧(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ଜିଲାପାଳ ଅନୁପ ସାହା, ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ, ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ଶିବାଶିଷ ପଣ୍ଡାଙ୍କ ଉପସ୍ଥିତିରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଉକ୍ତ ଶିବିରରେ କେବଳ ତିତ୍‌ଲିରେ କ୍ଷୟକ୍ଷତି ହୋଇଥିବା କୃଷି, ପ୍ରାଣୀ ସମ୍ପଦ, ଘରଭଙ୍ଗା ଓ ଉଦ୍ୟାନ ବାବଦକୁ ମୋଟ ୪୬୫ ଦରଖାସ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୟାନିଧି ନାୟକଙ୍କ ନିକଟରେ ଦାଖଲ କରାଯାଇଥିଲା । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୬୮ ଜଣଙ୍କୁ ଆଶୁ ଚିକିତ୍ସା ପାଇଁ ସଦର ମହକୁମାକୁ ୫, ବ୍ରହ୍ମପୁରକୁ ୬୨ ଜଣ ଓ କଟକକୁ ଜଣେ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କୁ ୧ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରେଡ୍‌କ୍ରସ ପାଣ୍ଠିରୁ ୧୭ ଜଣଙ୍କୁ ୯୦ ହଜାର ଟଙ୍କା ଦିଆଯାଇଥିଲା । ଶିବିରରେ ଜିଲାପାଳ ମୋଟ ୧୦୪ ଅଭିଯୋଗ ଶୁଣିଥିବା ବେଳେ ସେଥିମଧ୍ୟରୁ ସାମୂହିକ ୧୮ ଓ ବ୍ୟକ୍ତିଗତ ୮୬ଟି ରହିଥିଲା । ସ୍ୱଚ୍ଛ ଭାରତ ଅଭିଯାନରେ ରାମଗିରି ପଞ୍ଚାୟତର ୨୦ ହିତାଧିକାରୀ ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ଦୀର୍ଘଦିନ ହେବ ସେମାନଙ୍କ ଟଙ୍କା ପାଇ ନ ଥିବା ପୂର୍ବତନ ସରପଞ୍ଚ ସଚଳା କାର୍ଯ୍ୟୀ ଅଭିଯୋଗ କରିଥିଲେ। ଶିବିରରେ ବ୍ଲକ ଅଧ୍ୟକ୍ଷା ଅନୀତା ମଣ୍ଡଳ, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ଓ ଜିଲାର ସବୁ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପର୍ଶୁରାମ ମଣ୍ଡଳ, ସରପଞ୍ଚ ଆଦିକନ୍ଦ କାର୍ଯ୍ୟୀ, ସମିତିସଭ୍ୟ ଗୋପବନ୍ଧୁ ପଟ୍ଟନାୟକ ଓ ଅଶୋକ କୁମାର ଗୌଡ଼ ଏହାକୁ ପରିଚାଳନା କରିଥିଲେ ।

# ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା, ଜଣେ ଗିରଫ

**ବୁଗୁଡ଼ା,୧୨ା୧୧(ଡି.ଏନ.ଏ.):** ବୁଗୁଡ଼ା ଥାନା ବେତାରସିଙ୍ଗି ପାହାଡ଼ ପଛପଟୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ବୁଗୁଡ଼ା ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ଗ୍ରାମର ମିସ୍ତ୍ରୀ କାମ କରୁଥିବା ଶିବ ନାୟକ । ମୃତ ମହିଳାଙ୍କ ମା'ଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ. ୨୪୫/୧୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ପ୍ରକାଶ ଯେ, ବୁଗୁଡ଼ା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମ ବାଲି ସାହିର ଦୁଇ ସନ୍ତାନର ଜନନୀ ଲକ୍ଷ୍ମୀ ପ୍ରଧାନ (୨୮)ଙ୍କ ମୃତଦେହ ଅକ୍ଟୋବର ୨୨ ତାରିଖ ବେତାରସିଙ୍ଗି ପାହାଡ଼ ପଛପଟୁ ମିଳିଥିଲା। ବୁଗୁଡ଼ା ପୋଲିସ ମୃତଦେହକୁ ଉଦ୍ଧାର କରିବା ପରେ ମୃତ ମହିଳାଙ୍କ ମା' ଏନେଇ ବାଲିପଦରର ମିସ୍ତ୍ରୀ ଶିବଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁଯାୟୀ, ମିସ୍ତ୍ରୀ ଶିବଙ୍କ ପାଖରେ ଲକ୍ଷ୍ମୀ ଦିନ ମଜୁରିଆ ଭାବେ କାମ କରି ଆସୁଥିଲେ। ହେଲେ ଶିବ ବେଳେବେଳେ ଲକ୍ଷ୍ମୀଙ୍କ ଘରକୁ ଯିବା ଆସିବା ଫଳରେ ତାଙ୍କ ମା' ଗାଳିଗୁଲଜ କରିବା ଯୋଗୁ ଶିବ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଅକ୍ଟୋବର ୧୭ ତାରିଖରେ ଲକ୍ଷ୍ମୀ ବୁଗୁଡ଼ାରୁ ଏକ ଘରୋଇ ବ୍ୟାଙ୍କରେ ଗ୍ରୁପ ଟଙ୍କା ବାନ୍ଧିବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରେ ଅକ୍ଟୋବର ୨୨ ତାରିଖରେ ବେତାରସିଙ୍ଗି ପାହାଡ଼ ପଛପଟେ ଲକ୍ଷ୍ମୀଙ୍କ ମୃତଦେହକୁ ପୋଲିସ ଜବତ କରିବା ସହ ସେଠାରୁ ଏକ ରକ୍ତଭିଜା ଛୁରି ଜବତ କରିଥିଲା। ଲକ୍ଷ୍ମୀଙ୍କ ଦେହର ବିଭିନ୍ନ ସ୍ଥାନରେ ଛୁରିରେ ଆଘାତ ଦେଖିବାକୁ ମିଳିଥିଲା ।

# ଦୁର୍ଘଟଣାରେ ୭ ଆହତ, ଜଣେ ଶିଶୁ ଗୁରୁତର

**ଗଞ୍ଜାମ,୧୨ା୧୧(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ହୁମ୍ମା ଫାଣ୍ଡି କୁଶପଲି ଗ୍ରାମ୍‌ରେ ସୋମବାର ଅପରାହ୍ନରେ ଏକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ ଜଣ ଆହତ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ବ୍ରହ୍ମପୁର ଅଞ୍ଚଳର ୨ ପରିବାର ତାରାତାରିଣୀ ମନ୍ଦିର ଦର୍ଶନ ସାରି ବୋରିଗାଁସ୍ଥିତ ଖାଡ଼େଶ୍ୱର ମନ୍ଦିରକୁ ଦର୍ଶନ ଲାଗି ସ୍କର୍ପିଓରେ ଆସୁଥିଲେ। ଗାଡ଼ି ଦ୍ରୁତ ଗତିରେ ଆସୁଥିବା ବେଳେ ହଠାତ୍ ଚାଳକ ସ୍ପିଡ୍‌ବ୍ରେକ୍ ମାରିଦେବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେଠାରେ ଉପସ୍ଥିତ ଥିବା ବିଜୁ ଯୁବ ବାହିନୀ ଓ ଜିଲା ଛାତ୍ର ବିଜେଡି ଉପସଭାପତି ଲିଙ୍ଗରାଜ ମହାପାତ୍ର, ସନ୍ତୋଷ ସେଠୀ, ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ୧୦୮ ଯୋଗେ ଆହତମାନଙ୍କୁ ଛତ୍ରପୁର ମେଡିକାଲ ପଠାଇଥିଲେ। ଶିଶୁର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି।

**ବିଜୁ ଯୁବ ବାହିନୀର ସହାୟତା**

# ଅଖିଳ ଭାରତ କିଷାନ ମଜଦୁର ସଭାର ତହସିଲ ଘେରାଉ

**ଧରାକୋଟ,୧୨ା୧୧(ଡି.ଏନ୍.ଏ.):** ଅଖିଳ ଭାରତ କିଷାନ ମଜଦୁର ସଭା ପକ୍ଷରୁ ସୋମବାର ଧରାକୋଟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୋଭାଯାତ୍ରାରେ ବାହାରି ଧରାକୋଟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଆଦିବାସୀ ମହିଳା ପୁରୁଷଙ୍କୁ ନେଇ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମ୍ପାଦକ ଭାଲ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଘେରାଉ କରାଯାଇଥିବା ବେଳେ ଧରାକୋଟ ବ୍ଲକ ସଭାପତି ଦୟାନିଧି ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିସହ ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ଚାଷୀ/ଭାଗଚାଷୀଙ୍କୁ କ୍ଷତି ପୂରଣ, ସରକାରୀ ଜମିରେ ଘର, କ୍ଷତିଗ୍ରସ୍ତ ରାସ୍ତା ପୋଲ ତୁରନ୍ତ ମରାମତି ଫସଲର ପୁନରୁଦ୍ଧାର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମ ଦେବା, ବୃଦ୍ଧା ବୃଦ୍ଧ, ବିଧବା, ଅସହାୟଙ୍କୁ ମାସିକ ୩ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ ଆଦି ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ସ୍ଥାନୀୟ ତହସିଲଦାର ଗଦାଧର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ପୀତବାସ ପ୍ରଧାନ, ଲଡୁକିଶୋର ଡାକୁଆ, ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ରହି ରାଜ ସରକାରଙ୍କ ଆଦିବାସୀ ନୀତି ଉପରେ ସମାଲୋଚନା କରିଥିଲେ।



କିଷାନ ମଜଦୁର ସଭା କର୍ମୀମାନେ ତହସିଲ ଘେରାଉ କରିଛନ୍ତି।


## ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.

Utkalika ଡି-୨/୩, ଶିଳ୍ପାଞ୍ଚଳ, ରସୁଲଗଡ଼, ଭୁବନେଶ୍ୱର- ୧୦

### ବିଜ୍ଞାପନ

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଏନ୍.ଟି.ପି.ସି., କଣିହା ଠାରେ ୨୩/୧୧/୨୦୧୮ ଠାରୁ ୦୨/୧୨/୨୦୧୮ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗର ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୧୯/୧୧/୨୦୧୮** ସୁଧା ଆବେଦନ କରିବା ପାଇଁ ଅନୁରୋଧ ।

ପରିଚାଳନା ନିର୍ଦ୍ଦେଶକ



## ODISHA JOINT ENTRANCE EXAMINATION 2018

**No:- OJEE-18/506** **Date-12/11/2018**

**Detailed Schedule for Second Round Spot Counselling for BAMS/BHMS**

In view of the extended cut-off date of admission to BAMS/BHMS courses prescribed by appropriate Authority as per the letter No. **4CE-AT-01/15 No. 8073/DAYUSH Dt. 08.11.2018**, the **Second Round Spot counselling - cum-admission** for the Institutes in Odisha as mentioned below shall be conducted as per the following schedule.

All the **registered/ unregistered** (in previous rounds of counselling)' All India NEET' rank holders interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | ALL INDIA NEET RANK |
|---|---|---|---|
| OJEE CELL, Gandamunda, Bhubaneswar | 15-11-2018 | 10:00AM TO 11.00 AM | 25000 TO 500000 |
| | 15-11-2018 | 11:00AM TO 12 NOON | 500001 TO 900000 |
| | 15-11-2018 | 2:30PM TO 3:30PM | 900001 AND ABOVE |

For further details, please login to **www.ojee.nic.in** or **www.odishajee.com**

**Seat Matrix for Second Round Spot Counselling (BAMS/BHMS 2018)**

| SL. No. | Homoeopathic Colleges | Course | Category GE | Total Vacancy |
|---|---|---|---|---|
| 1. | BPHMC&H Berhampur (Govt.) | BHMS | 01 | 01 |
| 2. | OMCH&R, Sambalpur (Govt.) | BHMS | 03 | 03 |

**Final updated SEAT MATRIX will be displayed on the website www.ojee.nic.in / www.odishajee.com on 14.11.2018, 5.00 PM**

***Admission will be declared closed as and when seats are exhausted.***

**SD/-**
**CHAIRMAN, OJEE 2018**



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

**ସଂଶୋଧନ ପତ୍ର**

ତା.୦୯.୧୧.୨୦୧୮ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ନିୟମ ଓ ସର୍ତ୍ତାବଳୀ'ର କ୍ର. ନଂ. ୩ ରେ ଦର୍ଶିତ 'ଆକାଉଣ୍ଟ ନଂ. ଏବଂ ଆକାଉଣ୍ଟ ର ନାମ' "Account No.: 33401288726 & Name of the A/c: AGM, SARB, NO LIEN ACCOUNT" ପରିବର୍ତ୍ତେ **"Account No.: 30784275855 & Name of the A/c: AGM, SARB, Recovery Account"** ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ତା.୧୨.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ



## IN THE COURT OF THE CIVIL JUDGE, Sr. Division, ASKA

**C.M.A. 04/2016 (T.S. 33/1998)**

**SUMMON FOR SETTLEMENT OF ISSUES**
**Order-V, Rules1 and 5 Code of Civil Procedure**

**Peeyush Dhara Patnaik.... Petitioner**
**-vrs-**
**Chitta Ranjan Patnaik & others .... Respondents**

To

1. Enakhi Patnaik, aged about 68 years, W/o: Late Lalamohan Patnaik, House wife, Anant Nagar, 2nd Lane, Near TATA Benz, At/ Po: Berhampur, Dist: Ganjam, Pin: 760001.
2. Lalitendu Patnaik, S/o: Late Lalamohan Patnaik, Anant Nagar, 2nd Lane, Near TATA Benz, At/ Po: Berhampur, Dist: Ganjam, Pin: 760001.
3. Amalendu Patnaik, S/o: Late Lalamohan Patnaik, Anant Nagar, 2nd Lane, Near TATA Benz, At/ Po: Berhampur, Dist: Ganjam: Pin: 760001.
4. Komal Patnaik, W/o: Late Satyanarayan Patnaik, 210, Nandighosh Apartment Kamapalli, At/Po: Berhampur, Dist: Ganjam, Pin: 760004 (Odisha).
5. Suvendhu Kumar Patnaik, S/o: Late Satyanarayan Patnaik, Kamapalli, At/Po: Berhampur, Dist: Ganjam, Pin: 760004 (Odisha).
6. Syamalendu Patnaik, S/o: Late Satyanarayan Patnaik, 210, Nandighosh Apartment, Kamapalli, At/Po: Berhampur, Dist: Ganjam, Pin: 760004, Odisha
7. Samarendu Patnaik, S/o: Late Satyanarayan Patnaik, 210, Nandighosh Apartment, Kamapalli, At/Po: Berhampur, Dist: Ganjam, Pin: 760004, Odisha.
8. Prafulla Chandra Patnaik, S/o: Late Anantaram Patnaik, Ramnagar (3rd), At/Po: Berhampur, Dist: Ganjam, Pin: 760001, Odisha
9. Jyoti Patnaik, W/o: Late Gaurahari Patnaik, Godabarish Nagar, At/ Po: Berhampur, Dist: Ganjam, Pin: 760004, Odisha.
10. Gurukrushna Patnaik, S/o: Late Gaurahari Patnaik, Godabarish Nagar, At/Po: Berhampur, Dist: Ganjam, Pin: 760004, Odisha.
11. Dyutiprabha Patnaik, D/o: Late Gaurahari Patnaik, Godabarish Nagar, At/Po: Berhampur, Dist: Ganjam, Pin: 760004, Odisha.

WHEREAS

The Petitioner has instituted a case against you for setting aside a decree.

You are hereby summoned to appear in this Court in person or by a pleader duly instructed and able to answer all material questions relating to the Petition or who shall be accompanied by some person able to answer all such questions on the 26th day of November 2018 at 10.30 O'clock in the noon to answer the claim and you are directed to produce on that day all the documents upon which you intend to rely in support of your defence.

Take notice that in default of your appearance on the day before mentioned, the Petition will be heard and determined in your absence.

Given under my hand and the seal of the court, this day of 6th October 2018.

**Sd./- Advocate for the Petitioner** **Sd./- Civil Judge Sr. Division Aska**



## आम सूचना

**न्यायालय: विशेष न्यायाधीश, म.प्र. निक्षेपकों के हितों का संरक्षण अधिनियम ग्वालियर म.प्र.**

**विविध आपराधिक प्रकरण क्रमांक : 798/2018**

गरिमा रियल एस्टेट एण्ड एलाईट लिमिटेड फलोर गरिमा कल्याण टॉवर, बंसत टॉकीज के पास थाटीपुर, जिला ग्वालियर संचालक शिवराम कुशवाह, 403, सौरभ प्लाजा, गोले का मंदिर जिला ग्वालियर (म.प्र.) ........... आवेदक

**बनाम**

मध्यप्रदेश शासन द्वारा कलेक्टर एवं सक्षम प्राधिकारी मध्यप्रदेश निक्षेपकों के हितों का संरक्षण अधिनियम, ग्वालियर (म.प्र.)............... अनावेदक

गरिमा रियल एस्टेट एण्ड एलाईट लिमिटेड कंपनी द्वारा भूमि क्रय कर उस पर प्लॉट/भवन बनाकर विक्रय करने एवं अन्य रियल एस्टेट एक्टिविटी के नाम से कंपनी गठित की गई थी जिसकी संपत्ति जिलाध्यक्ष, ग्वालियर मध्यप्रदेश के आदेश से कुर्क की गई है और इस न्यायालय के आदेश दिनांक 08.05.18 के द्वारा अत्यान्तिक की गई है।

गरिमा रियल एस्टेट एण्ड एलाईट लिमिटेड कंपनी द्वारा इस न्यायालय के समक्ष आवेदन दिया गया है कि निवेशकों की राशि कुर्क संपत्ति से भुगतान की जाकर शेष संपत्ति उन्हे वापस की जावे।

अत: इस आम सूचना के द्वारा सार्वसाधारण को सूचित किया जाता है कि ऐसे सभी निवेशक, जिनके द्वारा गरिमा रियल एस्टेट एण्ड एलाईड लिमिटेड कंपनी में निवेश किया गया है और जिन्हें राशि अभी तक प्राप्त नहीं हुई है, वे अपना दावा दस्तावेजों के साथ इस न्यायालय में आगामी नियत दिनांक 12.12.18 को स्वंय अथवा अपने अभिकर्ता के माध्यम से उपस्थित होकर प्रस्तुत करें, अन्यथा दशा में एक पक्षीय कार्यवाही की जा सकेगी। सुनवाई दिनांक को अवकाश होने या पीठासीन अधिकारी के अवकाश पर चले जाने की दशा में मामले की सुनवाई अगले कार्यदिवस में की जावेगी। मेरे हस्ताक्षर व न्यायालयीन मुद्रा से दिनांक 30.10.18 को जारी किया गया।

**(अभय कुमार)**
**सत्र न्यायाधीश एवं विशेष न्यायाधीश, म.प्र. निक्षेपको के हितों का संरक्षण अधिनियम, ग्वालियर**



## ପୂର୍ବ ତଟ ରେଳପଥ

**ଟେଣ୍ଡର ବିଜ୍ଞପ୍ତି ସଂ. WCN/CP/CCTV/2018, ତା: 06.11.2018**

**କାର୍ଯ୍ୟର ନାମ :** ୦୩ ବର୍ଷ ଅବଧି ନିମନ୍ତେ **ବିଶାଖାପାଟଣା, ବିଜୟନଗରମ, ଶ୍ରୀକାକୁଲମ ରୋଡ଼, ରାୟଗଡ଼ା, ପାର୍ବତୀପୁରମ୍, ସିହ୍ମାଚଲମ ଏବଂ ଦୁଭାଡ଼ା ରେଳ ଷ୍ଟେସନ ଠାରେ CCTV ସିଷ୍ଟମ୍‌ର ସଂସ୍ଥାପନ ଏବଂ ପରିଚାଳନା ନିମନ୍ତେ ଚୁକ୍ତି ।**

ଷ୍ଟେସନ : ବିଶାଖାପାଟଣା, ମୋଟ୍ ସଂଖ୍ୟା : 25 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 50,19,201/-, EMD (ଟଙ୍କାରେ) : 1,00,385/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 5,000/- ।

ଷ୍ଟେସନ : ବିଜୟନଗରମ, ମୋଟ୍ ସଂଖ୍ୟା : 10 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 10,06,500/-, EMD (ଟଙ୍କାରେ) : 20,130/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 2,000/- ।

ଷ୍ଟେସନ : ଶ୍ରୀକାକୁଲମ ରୋଡ଼, ମୋଟ୍ ସଂଖ୍ୟା : 06 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 6,23,700/-, EMD (ଟଙ୍କାରେ) : 12,475/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 2,000/- ।

ଷ୍ଟେସନ : ରାୟଗଡ଼ା, ମୋଟ୍ ସଂଖ୍ୟା : 06 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 3,72,375/-, EMD (ଟଙ୍କାରେ) : 7,450/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 2,000/- ।

ଷ୍ଟେସନ : ପାର୍ବତୀପୁରମ, ମୋଟ୍ ସଂଖ୍ୟା : 01 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 1,38,027/-, EMD (ଟଙ୍କାରେ) : 2,765/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 1,000/- ।

ଷ୍ଟେସନ : ସିହ୍ମାଚଲମ, ମୋଟ୍ ସଂଖ୍ୟା : 02 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 1,72,698/-, EMD (ଟଙ୍କାରେ) : 3,455/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 1,000/- ।

ଷ୍ଟେସନ : ଦୁଭାଡ଼ା, ମୋଟ୍ ସଂଖ୍ୟା : 04 ଟିଭି ସେଟ୍ ଏଲଇଡ଼ି (ଆକାର-40"), ଆନୁମାନିକ ମୂଲ୍ୟ (ଟଙ୍କାରେ): 2,93,700/-, EMD (ଟଙ୍କାରେ) : 5,875/-, ଟେଣ୍ଡର ଫର୍ମ(Form)ର ମୂଲ୍ୟ (ଟଙ୍କାରେ) : 1,000/- ।

ଟେଣ୍ଡର ନଥିପତ୍ର ଗ୍ରହଣ କରାଯିବା ଅନ୍ତିମ ତାରିଖ ଓ ସମୟ : ତା.18.12.2018 ରିଖ 1600 ଘଟିକା ପର୍ଯ୍ୟନ୍ତ, **ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ :** ତା.18.12.2018ରିଖ 1630 ଘଟିକାରେ ।

ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ଯେକୌଣସି କାର୍ଯ୍ୟ ଦିବସରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ୱାଲ୍ଟିୟର ମଣ୍ଡଳ,ଡୋଣ୍ଡପାର୍ଥୀ, ବିଶାଖାପାଟଣା-530004 ଙ୍କ କାର୍ଯ୍ୟାଳୟରେ । ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଏବଂ **http://tenders.gov.in**ରେ ମଧ୍ୟ ଉପଲବ୍ଧ ହେବ ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ), ୱାଲ୍ଟିୟର

PR-383/J/18-19

## ସଂକ୍ଷେପରେ

### ବଡ଼ ମେଡିକାଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୨।୧୧:** ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବିଚାରାଧୀନ ବନ୍ଦୀଙ୍କର ରବିବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ରମ୍ଭା ଥାନା ଅଧୀନ ବଡଉଛପଡା ଗ୍ରାମର ବସନ୍ତ ବିଶ୍ୱାଳ (୪୦) । ବସନ୍ତ ଏକ ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଅକ୍ଟୋବର ୨୧ରୁ କୋଦଳା ସବ୍‌ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ । ସେ ମଧୁମେହ ରୋଗରେ ପୀଡିତ ହୋଇଥିବା ବେଳେ ସମ୍ପ୍ରତି ମ୍ୟାଲେରିଆ ସଂକ୍ରମିତ ହୋଇ ସବ୍‌ଜେଲରେ ଚିକିତ୍ସିତ ହେଉଥିଲେ । ସେହିପରି ବସନ୍ତଙ୍କ ଜଙ୍ଘରେ ଏକ ଘା ସେପ୍ଟିକ୍ ହୋଇଯାଇଥିଲା । ଗୁରୁତର ଅସୁସ୍ଥ ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଗତ ୧୧ତାରିଖରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୮୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି ।

### ଦୀପନିଆଁ ଲାଗି ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୨।୧୧:** ଦୀପ ନିଆଁ ଲାଗି ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କର ସୋମବାର ମୃତ୍ୟୁ ଘଟିଛି । ସେ ହେଲେ ଆସିକା ଥାନା ଭେଜିପୁଟ ଗ୍ରାମର କୈଳାସ ବାଡତ୍ୟାଙ୍କ ଝିଅ ଅନୀତା (୨୧) । ଦୀପାବଳି ଦିନ ସନ୍ଧ୍ୟାରେ ଘରେ ଦୀପ ଲଗାଉଥିବା ବେଳେ ଅସାବଧାନତାରୁ ଅନୀତାଙ୍କ ପୋଷାକରେ ନିଆଁ ଲାଗି ଯିବାରୁ ଜଳିଯାଇଥିଲେ । ଅନୀତା ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାର ବର୍ଗ ବିଳମ୍ବରେ ତାଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଜାରି ରହିଥିଲା । ଶରୀରର ଗୁରୁତ୍ୱପୂର୍ଣ୍ଣ ଭାଗ ଜଳିଯାଇଥିବାରୁ ସୋମବାର ପ୍ରାଣ ବାୟୁ ଉଡିଯାଇଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୫୮୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### କୀଟନାଶକ ପିଇ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୨।୧୧ :** କୀଟନାଶକ ପିଇ ଗୁରୁତର ଅସୁସ୍ଥ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ବଡଗଡ ଥାନା ଅଧୀନ ଧାନପୁର ଗ୍ରାମର ଯୋଗୀ ସେଠୀଙ୍କ ସ୍ତ୍ରୀ ପିଙ୍କି (୩୦)। କୌଣସି କାରଣରୁ ପିଙ୍କି ଅକ୍ଟୋବର ୧୦ରେ ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ବର୍ଗ ପ୍ରଥମେ ବଡଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ ୫୮୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଉଚ୍ଚ ଶିକ୍ଷା ବିଭାଗର ଅବହେଳା

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଅର୍ଥାଭାବ

**ବ୍ରହ୍ମପୁର ଅଫିସ୍,୧୨।୧୧**




■ଦରମା ଦେବାକୁ ଟଙ୍କା ନାହିଁ ■ଚାକିରି କରି ଫସିଛନ୍ତି ପ୍ରଫେସର ■ବାକିରେ ଚଳୁଛି ଘର ପରିବାର

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ଅପରାଗତା ଏବଂ ଦାୟିତ୍ୱହୀନତା ଯୋଗୁ ରାଜ୍ୟର ପ୍ରଥମ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଭାବେ ସୁଖ୍ୟାତି ଅର୍ଜିଥିବା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥାର ଗନ୍ତାଘର ହୋଇଯାଇଛି। ନିଜସ୍ୱ କ୍ୟାମ୍ପସ ନାହିଁ, ଅଧ୍ୟାପକମାନେ ବସିବା ପାଇଁ କୋଠା ନାହିଁ । ପାଠ ପଢ଼ାଇବା ପାଇଁ ଶ୍ରେଣୀ ଗୃହ ନାହିଁ। ଏଭଳି ସମୟରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ଦରମା ନିୟମିତ ମିଳୁନାହିଁ। ତିନି ମାସକୁ ଥରେ ମିଳୁଛି । ଯାହା ଏବେ ଅଧ୍ୟାପକଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଛି ।

ଚଳିତ ଶିକ୍ଷା ବର୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ା ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ୬ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଅନୁମତି ମିଳିଥିଲା । ଏହି ବିଭାଗୁଡ଼ିକରେ ମୋଟ ୩୧ଜଣ ଅଧ୍ୟାପକ କାର୍ଯ୍ୟ କରୁଛନ୍ତି । ବାୟୋ ସାଇନ୍‌ସେସ୍ ଆଣ୍ଡ ବାୟୋଇନଫର୍‌ମେଟିକ୍ସ ବିଭାଗରେ ଜଣେ ପ୍ରଫେସର୍‌ଙ୍କ ସମେତ ଦୁଇଜଣ ଆସୋସିଏଟ୍ ପ୍ରଫେସର ଏବଂ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ନାଚୁରାଲ୍ ରିସୋର୍ସ ମ୍ୟାନେଜମେଣ୍ଟ ଆଣ୍ଡ ଜିଓ ଇନ୍‌ଫର୍‌ମେଟିକ୍ସ ବିଭାଗରେ ଦୁଇଜଣ ଆସୋସିଏଟ୍ ପ୍ରଫେସର ଏବଂ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର କାର୍ଯ୍ୟ କରୁଛନ୍ତି। ଲାଇବ୍ରେରୀ ଆଣ୍ଡ ଇନ୍‌ଫର୍‌ମେସନ୍ ସାଇନ୍ସରେ ଜଣେ ଆସୋସିଏଟ୍ ପ୍ରଫେସର ଏବଂ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ଶିକ୍ଷାଦାନ କରୁଛନ୍ତି। ମାସ୍‌କମ୍ୟୁନିକେଶନ୍ ଆଣ୍ଡ ମିଡ଼ିଆ ଟେକ୍ନୋଲୋଜିରେ ଜଣେ ଆସୋସିଏଟ୍ ପ୍ରଫେସର ଏବଂ ୩ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ଇକୋନୋମିକ୍ସ ଆଣ୍ଡ ମ୍ୟାନେଜମେଣ୍ଟରେ ଦୁଇଜଣ ଆସୋସିଏଟ୍ ପ୍ରଫେସରଙ୍କ ସମେତ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି । ଟ୍ରାଭେଲ୍ ଟୁରିଜିମ୍ ଆଣ୍ଡ ହସ୍‌ପିଟାଲିଟି ମ୍ୟାନେଜମେଣ୍ଟରେ ୩ଜଣ ଆସିଷ୍ଟାଣ୍ଟ ପ୍ରଫେସର କାର୍ଯ୍ୟ କରୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଆସୋସିଏଟ୍ ପ୍ରଫେସରଙ୍କ ଦରମା ୨୯ହଜାର ୪ଶହ ଟଙ୍କା ସହ ୯ହଜାର ଟଙ୍କା ଏଜିଟି ମିଳୁଥିବା ବେଳେ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ୧୫ହଜାର୬ଶହ ଟଙ୍କା ସହ ୬ହଜାର ଟଙ୍କା ଏଜିଟି ଏବଂ ପ୍ରଫେସରଙ୍କୁ ୪୩ହଜାର ଟଙ୍କା ଦରମା ସହ ୧୦ହଜାର ଟଙ୍କା ଏଜିଟି ମିଳୁଛି । ତେବେ ନୂତନ ଭାବେ ନିଯୁକ୍ତି ପାଇଥିବା ପ୍ରଫେସରମାନଙ୍କ ଦରମାରେ ରହିଥିବା ଅସଙ୍ଗତି ବର୍ତ୍ତମାନ ସୁଦ୍ଧା ଦୂର ହୋଇପାରିନି । ଦୁଇ ମାସକୁ ଥରେ ଦରମା ମିଳୁଛି । ଜୁନ୍ ଏବଂ ଜୁଲାଇର ଦରମା ସେପ୍ଟେମ୍ବରରେ ମିଳିଥିଲା । ଅଗଷ୍ଟ ଏବଂ ସେପ୍ଟେମ୍ବରର ଦରମା ନଭେମ୍ବର ୧୧ତାରିଖରେ ମିଳିଛି । ହେଲେ ଅକ୍ଟୋବର ଦରମା ବର୍ତ୍ତମାନ ସୁଦ୍ଧା ମିଳିନି । କେବେ ମିଳିବ, ସେନେଇ ମଧ୍ୟ କେହି କିଛି ସ୍ପଷ୍ଟ ସୂଚନା ଦେଉନାହାନ୍ତି। ଅକ୍ଟୋବର ଦରମା ମିଳିବା ପରେ ନଭେମ୍ବର ଏବଂ ଡିସେମ୍ବରର ଦରମା ପୁଣି ଜାନୁୟାରୀରେ ମିଳିବ ବୋଲି କୁହାଯାଉଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନାଁକୁ ଦେଖି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ଏହି ପ୍ରଫେସରମାନେ ଚାକିରି ଛାଡି ଏଠାରେ ଯୋଗ ଦେଇଥିଲେ । ଏବେ କିନ୍ତୁ ଫସିଯାଇଛନ୍ତି । ନିଯୁକ୍ତି ପାଇଥିବା ଅଧିକାଂଶ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଆସୋସିଏଟ ପ୍ରଫେସରଙ୍କ ଘର ଗଞ୍ଜାମ ଜିଲା ବାହାରେ। ଏଣୁ ନିୟମିତ ଦରମା ମିଳୁ ନ ଥିବା ଯୋଗୁ ବ୍ରହ୍ମପୁରରେ ଘର ଭଡ଼ା ନେଇ ରହିବା ଏବଂ ପରିବାର ଚଳିବ, ସେମାନଙ୍କ ପକ୍ଷେ କଷ୍ଟ ହେଉଛି। ଧାର କରଜ କରି ପରିବାର ଚଳାଇବାକୁ ପଡୁଛି ବୋଲି ଜଣେ ପ୍ରଫେସର ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଅନ୍ୟପଟେ ଅଣଶିକ୍ଷାଦାନ କର୍ମଚାରୀଙ୍କୁ ଏଯାଏ ନିଯୁକ୍ତି ଦିଆଯାଇନାହିଁ । ଏଣୁ ପ୍ରଫେସରମାନେ ପିଅନ ଏବଂ କ୍ଲର୍କର କାର୍ଯ୍ୟ ମଧ୍ୟ କରୁଛି । ଚଳିତ ଶିକ୍ଷା ବର୍ଷରୁ ପାଠ ପଢ଼ା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ପାଠପଢ଼ା, ଅନ୍ୟପଟେ କ୍ଲିରିକାଲ୍ କାର୍ଯ୍ୟ, ପ୍ରଫେସରମାନେ ଏଥିରେ ପେଶି ହୋଇଗଲେଣି। ସେଥିରେ ପୁଣି ନିୟମିତ ଦରମା ମିଳୁନି । ଏହାକୁ ନେଇ ପ୍ରଫେସରମାନଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି ।

ଏନେଇ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କ କହିବାନୁଯାୟୀ, ବିଭାଗରୁ ଦରମା ବାବଦ ଟଙ୍କା ମିଳିନାହିଁ । ଟଙ୍କା ଆସିଲେ ଦରମା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଏକ କୁଇଣ୍ଟାଲ ପଲିଥିନ, ପ୍ଲାଷ୍ଟିକ ଜବତ

**ବ୍ରହ୍ମପୁର ଅଫିସ,୧୨।୧୧**

**ବିଏମ୍‌ସିର ଚଢ଼ାଉ**



ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀକୁ ଜବତ କରାଯାଉଛି ।

■ଏସ୍‌ବିଆର ସନସ୍ ଦୋକାନ ସିଲ୍
■୮ ହଜାର ଜରିମାନା ଆଦାୟ

ବ୍ରହ୍ମପୁର ସହରକୁ ପଲିଥିନ, ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଜୋର୍‌ଦାର ପଦକ୍ଷେପ ନିଆଯାଉଛି । ପୂର୍ବରୁ ନିଗମ ପକ୍ଷରୁ ସମସ୍ତ ହୋଲସେଲର ଓ ରିଟେଲର ତଥା ବ୍ୟବସାୟୀଙ୍କୁ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର କରା ନ ଯିବା ତାଗିଦ କରାଯିବା ପରେ ଅକ୍ଟୋବର ଶେଷ ସପ୍ତାହରୁ ବିଭିନ୍ନ ଦୋକାନ ଉପରେ ଚଢାଉ ଆରମ୍ଭ ହୋଇଛି । ଅନ୍ନପୂର୍ଣ୍ଣା ମାର୍କେଟ, କମାପଲ୍ଲୀ, ଏସ୍‌ଏନ୍‌ଟି ରୋଡ ଭଳି ବିଭିନ୍ନ ଅଞ୍ଚଳରେ ଥିବା ପଲିଥିନ, ପ୍ଲାଷ୍ଟିକ ଗୋଦାମ ଓ ଦୋକାନ ଉପରେ ଚଢାଉ କରାଯାଇଛି । ବିଏମ୍‌ସିର ଏନଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତଙ୍କ ନେତୃତ୍ୱରେ ଗଠିତ ଏନ୍‌ଫୋର୍ସମେଣ୍ଟ ସ୍କାଡ୍ ସୋମବାର ହନୁମାନ ବଜାର ଅଞ୍ଚଳରେ ପଲିଥିନ ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି କରୁଥିବା ୭ ଦୋକାନ ଉପରେ ଚଢାଉ କରିଛନ୍ତି । ସମସ୍ତ ଦୋକାନରୁ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରିମାଣର ପ୍ଲାଷ୍ଟିକ, ପଲିଥିନ ସାମଗ୍ରୀ ଜବତ କରାଯାଇଛି । ସେଥିମଧ୍ୟରେ ଏସବିଆର ସନ୍‌ସ ନାମରେ ଏକ ଟେକ୍ସଟାଇଲ ତଥା ଗାର୍ମେଣ୍ଟ ଦୋକାନରୁ ମାତ୍ରାଧିକ ପଲିଥିନ , ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯିବା ସହ ଉକ୍ତ ଦୋକାନକୁ ସିଲ କରାଯାଇଛି । ଉକ୍ତ ଦୋକାନରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ କିଲୋଗ୍ରାମ ଓଜନର ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଉକ୍ତ ଦୋକାନ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନ୍ୟ ଦୋକନରୁ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରିବା ସହ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏନଫୋର୍ସମେଣ୍ଟ ଅଫିସର ସୂଚନା ଦେଇଛନ୍ତି। ତେବେ ଏହାପୂର୍ବରୁ ବିଜିପୁର, ଷ୍ଟେଶନରୋଡ, ଏସଏନଟି ରୋଡ, ଖାଜାସାହି, ଅନ୍ନପୂର୍ଣ୍ଣା ମାର୍କେଟ, କମାପଲ୍ଲୀ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଚଢାଉ କରାଯିବା ସହ ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ, ପଲିଥିନ ସାମଗ୍ରୀ ଜବତ କରାଯାଇଛି । ଏବାବଦକୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବା ସହ ୫ ଦୋକାନକୁ ସିଲ କରାଯାଇଛି । ସେଥି ମଧ୍ୟରୁ ୪ ଦୋକାନ ମାଲିକ ପଲିଥିନ,ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି ବନ୍ଦ କରିବାକୁ ଆଫିଡେଟିଭ ଦାଖଲ କରିବା ସହ ଜରିମାନା ପ୍ରଦାନ କରିଥିବା ବିଏମ୍‌ସି ପକ୍ଷରୁ ସୂଚିତ କରାଯାଇଛି ।

### ବୁଟା କର୍ମକର୍ତ୍ତାଙ୍କ ଘଣ୍ଟିକିଆ ଧାରଣା, ବିକ୍ଷୋଭ

**ବ୍ରହ୍ମପୁର ଅଫିସ, ୧୨।୧୧**

ଓଡିଶା ସରକାରଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କୁ ସପ୍ତମ ବେତନ କମିଶନ ସୁପାରିସ ଅନୁଯାୟୀ, ନୂତନ ଦରମା ପ୍ରଦାନ କରିବା ଦାବିରେ ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସମୁହର ଆହ୍ୱାନ କ୍ରମେ ସୋମବାରରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ(ବୁଟା) ପକ୍ଷରୁ ଘଣ୍ଟିକିଆ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୧ରୁ ୯ ତାରିଖ ଯାଏ ସଂଘ କର୍ମକର୍ତ୍ତାମାନେ କଳାବ୍ୟାଜ ପରିଧାନ କରିଥିଲେ । ତେବେ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ଆଗରେ ଏକ ଘଣ୍ଟା ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସପ୍ତମ ବେତନ ଆଧାରରେ ଦରମା ପ୍ରଦାନ କରିବା ସହ ଅବସର ବୟସ ସୀମା ୬୦ ରୁ ୬୫ ବର୍ଷକୁ ବୃଦ୍ଧି କରିବା ଦାବି ନେଇ ଆସନ୍ତା ୧୭ ପର୍ଯ୍ୟନ୍ତ ଏହି ଘଣ୍ଟିକିଆ ଧାରଣା ଓ ବିକ୍ଷୋଭ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଉକ୍ତ ସମୟସୀମା ମଧ୍ୟରେ ଦାବି ପୂରଣ ନ ହେଲେ ଧାରଣାକୁ ବଳବତ୍ତର ରଖାଯିବା ନେଇ ସଂଘ ଚେତାବନୀ ଶୁଣାଇଛି ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ପିଙ୍କୁ



@ ପ୍ରଭାକର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ପିଣ୍ଟୁ ଦାସଙ୍କୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ

**ବ୍ରହ୍ମପୁର ଅଫିସ୍,୧୨।୧୧**

ଦୀର୍ଘ ୯ ମାସ ଧରି ଜେଲ୍‌ରେ ଥିବା ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ୍ ପିଣ୍ଟୁଙ୍କୁ ହାଇକୋର୍ଟରୁ ସୋମବାର ଅନ୍ତରୀଣ ଜାମିନ ମିଳିଥିବା ସୂଚନା ମିଳିଛି । ଜାମିନ ମିଳିଥିଲେ ମଧ୍ୟ ପିଣ୍ଟୁ ଜେଲ୍‌ରୁ ମୁକୁଳିପାରି ନ ଥିବା ଜଣାପଡିଛି ।

ପ୍ରକାଶଯେ, ଏକ ଜମି ହଡପ ମାମଲାରେ ଗୋଲନ୍ଥରା ପୋଲିସ ଜାନୁୟାରୀ ୧୯ ତାରିଖରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କନିଷି ଅଞ୍ଚଳର ଅଭିଯୋଗକାରୀ ଅନନ୍ତ ଦାସ ଜଣେ ଦଳିତ ବ୍ୟକ୍ତି ହୋଇଥିବାରୁ ପିଣ୍ଟୁଙ୍କ ବିରୋଧରେ ଆଟ୍ରୋସିଟି ମାମାଲା ରୁଜୁ ହୋଇଥିଲା । ପିଣ୍ଟୁଙ୍କ ଓକିଲ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । ତେବେ ଦୀର୍ଘ ଦିନ ହେଲା ଆଇନଜୀବୀମାନଙ୍କ ଆନ୍ଦୋଳନ ହେତୁ ଜାମିନ ହୋଇପାରି ନ ଥିଲା । ଫଳରେ ପିଣ୍ଟୁଙ୍କ ଓକିଲ ବ୍ରହ୍ମପୁର ଏଡିଜେ-୩ କୋର୍ଟରେ ଜାମିନ ଆବେଦନ କରିଥିଲେ। ଏହାର ଶୁଣାଣି ଚାଲିଥିବା ବେଳେ ଏହି ମାମଲାର ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ସିଏଚ୍ ତ୍ରିନାଥଙ୍କୁ ହାଇକୋର୍ଟରୁ ଅନ୍ତରୀଣ ଜାମିନ ମିଳିଥିଲା । ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଉକ୍ତ ଜାମିନର ଅବଧି ରହିଥିଲା । ସେହିପରି ସୋମବାର ହାଇକୋର୍ଟରେ ପିଣ୍ଟୁଙ୍କ ମାମଲା ଉଠିଥିବା ବେଳେ ପିଣ୍ଟୁଙ୍କୁ ମଧ୍ୟ ଡିସେମ୍ବର ୧୯ ତାରିଖ ଯାଏ ଜାମିନ ଅବଧି ମିଳିଛି । ହାଇକୋର୍ଟରୁ ଅନ୍ତରୀଣ ଜାମିନ ମିଳିବା ପରେ ପିଣ୍ଟୁଙ୍କ ଓକିଲ ତଳ କୋର୍ଟରେ ଜାମିନଦାର ଦେଇଥିଲେ । ହେଲେ ସେଥିରେ କିଛି ତ୍ରୁଟି ରହିଥିବା ହେତୁ ଜେଲରୁ ସୋମବାର ପିଣ୍ଟୁ ମୁକୁଳିବା ସମ୍ଭବ ହୋଇପାରି ନ ଥିଲା । ମଙ୍ଗଳବାର ପିଣ୍ଟୁଙ୍କ ମୁକୁଳିବା ନେଇ ସମ୍ଭାବନା ରହିଥିବା ଜଣାପଡିଛି। ଉକ୍ତ ମାମଲାରେ ସମ୍ପୃକ୍ତ ଅନ୍ୟ ୫ଜଣ ଅଭିଯୁକ୍ତଙ୍କୁ ଜାମିନ ମିଳି ସାରିଥିବା ବେଳେ ପିଣ୍ଟୁଙ୍କ ଜାମିନ ହୋଇପାରି ନ ଥିଲା।

# ଭିଜିଲାନ୍ସ ଏସ୍‌ପି ଅଫିସ୍ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

**ବ୍ରହ୍ମପୁର ଅଫିସ,୧୨।୧୧**

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରହ୍ମପୁର ଡିଭିଜନ୍ ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬୮ ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ଏସ୍‌ପି ମାୟାଧର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି । ବ୍ରହ୍ମପୁର ବଡ ମେଡିକାଲ ଓ ସିଟି ହସ୍‌ପିଟାଲରୁ ଘରୋଇ କ୍ଲିନିକ୍, ନର୍ସିଂ ହୋମ୍‌କୁ ରୋଗୀ ଚାଲାଣ କରୁଥିବା ଏବଂ ବିଭିନ୍ନ କମ୍ପାନୀର ଘରୋଇ ଔଷଧ କିଣିବାକୁ ପରାମର୍ଶ ଦେଉଥିବା କେତେକ ଡାକ୍ତରଙ୍କ ସମ୍ପତ୍ତି ଏବଂ ମହୁଡା ସ୍ଥିତ ଫାର୍ମାସୀ କଲେଜରେ ଘଟିଥିବା ଅନିୟମିତତାର ଭିଜିଲାନ୍ସସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଅପରପକ୍ଷେ ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି କହିଛନ୍ତି । ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଘଣ୍ଟ ଯାତ୍ରାରେ ମନୋଜ କୁମାର ତରାଇ, ପ୍ରଭାତ ନାହାକ, ରମେଶ ଚନ୍ଦ୍ର ବେହେରା, ଆର୍.ସତ୍ୟନାରାୟଣ ଓ ଲକ୍ଷ୍ମୀନାରାୟଣ ରାଉତ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।




ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ଯାତ୍ରା।

## ବ୍ରଜନଗର ଉନ୍ନୟନ ପରିଷଦର ଜରୁରୀ ବୈଠକ

# ସର୍ବଦଳୀୟ ବୈଠକ ବାତିଲ

**ବ୍ରହ୍ମପୁର ଅଫିସ,୧୨।୧୧**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ବ୍ରଜନଗର ଉନ୍ନୟନ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ରାଧାକୃଷ୍ଣ ମନ୍ଦିର ପରିସରରେ ପରିଷଦ ଉପସଭାପତି ଡା. ଶିବପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ରଜନଗରରେ ଲାଗି ରହିଥିବା ମୌଳିକ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା । ରାସ୍ତାଘାଟ, ଷ୍ଟ୍ରିଟ ଲାଇଟ, ପାନୀୟ ଜଳ ଓ ଡ୍ରେନେଜ ଭଳି ମୌଳିକ ସୁବିଧାରୁ ଅଞ୍ଚଳବାସୀ ବଞ୍ଚିତ ରହିଥିବା ବେଳେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ ସତ୍ତ୍ୱେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉ ନ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ପଞ୍ଚାୟତ ଅଞ୍ଚଳକୁ ଅର୍ଥ ଅନୁମୋଦନ ହୋଇଥିଲେ ମଧ୍ୟ ଏହାକୁ ଜାଣିଶୁଣି ବିନିଯୋଗ କରାଯାଉ ନାହିଁ । ଉକ୍ତ ଟଙ୍କାକୁ ନିଜ ସ୍ୱାର୍ଥ ହାସଲ ପାଇଁ ଅନ୍ୟତ୍ର ବିନିଯୋଗ କରାଯିବା ବାହାନାରେ ବାଟମାରଣା କରାଯିବାକୁ ଉଦ୍ୟମ କରାଯାଉ ଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ତେଣୁ ଆଗାମୀ ଦିନରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ବ୍ୟତୀତ ବ୍ରଜନଗର ପ୍ରଥମ ଲାଇନରେ ରାସ୍ତାକଡ ଓ ସାହିର ପ୍ରବେଶ ପଥରେ କେତେକ ଲୋକଙ୍କ ଜବରଦଖଲ ଯୋଗୁ ସାହିକୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ କହିଥିଲେ। ଏନେଇ ପୂର୍ବରୁ ବହୁବାର ତାଗିଦ କରାଯାଇଥିଲେ ମଧ ଏହାକୁ ଜବରଦଖଲକାରୀ ଖାତିର କରୁ ନ ଥିବା ବେଳେ ଜବରଦଖଲ ଯୋଗୁ ସାହିରେ ଡ୍ରେନେଜ ବ୍ୟବସ୍ଥା ହୋଇପାରୁ ନ ଥିବା କୁହାଯାଇଥିଲା । ଫଳରେ ବର୍ଷାଦିନରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମା ହୋଇ ରହିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା । ତେଣୁ ଆଗାମୀ ଦିନରେ ଜବରଦଖଲକାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ସହରତଳି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରାଯିବା ନେଇ ଚାଲିଥିବା ଆନ୍ଦୋଳନକୁ ଆଗକୁ ଆହୁରି ତୀବ୍ର କରିବା ନେଇ କମିଟି କର୍ମକର୍ତ୍ତା ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଡକାଯାଇଥିବା ସର୍ବଦଳୀୟ ବୈଠକ ବାତିଲ ହୋଇଯାଇଥିବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା । ଖୁବ୍‌ଶୀଘ୍ର ଏନେଇ ନୂତନ ତାରିଖ ଧାର୍ଯ୍ୟ କରାଯିବା ବୋଲି ଉପସଭାପତି କହିଥିଲେ । କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ । ସଞ୍ଜୀବ ପଟ୍ଟନାୟକ, ବି.ଭି. ସାଗର, ଶ୍ରୀମନ୍ତ ପାଣିଗ୍ରାହୀ, କୃଷ୍ଣମୋହନ ପାଢୀ, କୃଷ୍ଣ ଚୌଧୁରୀ, ବଂଶୀଧର ପାଢୀ ଓ କୁମାର ସ୍ୱାମୀପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI



# ନଦୀପଠାରୁ ମିଳିଲା ଯୁବକଙ୍କ ମୃତଦେହ

## ପୂର୍ବ ଶତ୍ରୁତାରୁ ଗୁଳିମାଡ଼ ଘଟଣା

ଶେରଗଡ,୧୨।୧୧(ଡି.ଏନ୍.ଏ.):

ଗଞ୍ଜାମ ଜିଲା ଶେରଗଡ ବ୍ଲକ କୁରୁଳା-ମିହିରକଣା ରାସ୍ତାରେ ଥିବା ଏକ ପୋଲ ଉପରେ ରବିବାର ସନ୍ଧ୍ୟାରେ ହିଞ୍ଜିଳିକାଟୁର ଲକ୍ଷ୍ମୀ ଦାସଙ୍କୁ ଗୁଳିମାଡ଼ ହୋଇଥିଲା। ଆହତ ଅବସ୍ଥାରେ ଲକ୍ଷ୍ମୀ ଦୌଡ଼ି ପଳାଉଥିବା ବେଳେ ଦୁର୍ବୃତ୍ତମାନେ ଖଣ୍ଡା ଧରି ତାଙ୍କୁ ଗୋଡ଼ାଇଥିଲେ। ପରେ ଲକ୍ଷ୍ମୀଙ୍କ ପତ୍ତା ମିଳି ନ ଥିଲା। ସୋମବାର ଗୋଠଗାଁ ନିକଟ ଘୋଡ଼ାହାଡ଼ ନଦୀ ପଠାରୁ ତାଙ୍କର କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ପୂର୍ବ ଶତ୍ରୁତାରୁ ଲକ୍ଷ୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ ପରେ ହତ୍ୟା କରାଯାଇଛି ବୋଲି ତାଙ୍କ ଭାଇ ଯୁଧିଷ୍ଠିର ଦାସ ଶେରଗଡ଼ ଥାନାରେ ଏତଲା ଦେଇଛନ୍ତି। ଏତଲା ପ୍ରକାରେ ନଂ.୯୯/୧୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ମିହିରକଣାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ପ୍ରକାଶ ଯେ, ଲକ୍ଷ୍ମୀ ବାଲି ମୋରମ ଚାଲାଣ ଓ ଠିକାଦାରୀ କାର୍ଯ୍ୟ ସହ ଟଙ୍କା କରଜ ଦେଇ ସୁଧ ଆଦାୟ କରୁଥିଲେ। ମିହିରକଣାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ କିଛିବର୍ଷ ହେଲା ୫୦ ହଜାର ଟଙ୍କା କରଜ ଦେଇ ସୁଧ ଆଣୁଥିଲେ। ଜଲ୍‌ଦି ମୂଳ ଟଙ୍କା ଫେରାଇବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହି ଆସୁଥିଲେ। ବ୍ୟକ୍ତି ଜଣକ ରବିବାର ଟଙ୍କା ଦେବେ ବୋଲି ମୋବାଇଲ ଫୋନ ମାଧ୍ୟମରେ ଲକ୍ଷ୍ମୀଙ୍କୁ ଡକାଇଥିଲେ। ଲକ୍ଷ୍ମୀ ବାଇକ୍ ଯୋଗେ ମିହିରକଣା ଆସୁଥିବା ବେଳେ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଗୁଳିମାଡ଼ କରିଥିଲେ। ପରେ ସେମାନେ ଲକ୍ଷ୍ମୀଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଗୋଡାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲକ୍ଷ୍ମୀ କିମ୍ବା ଦୁର୍ବୃତ୍ତଙ୍କ ପତ୍ତା ପାଇ ପାରି ନ ଥିଲା। କେବଳ ଲକ୍ଷ୍ମୀଙ୍କ ବାଇକ୍ ଓ ମୋବାଇଲ ଫୋନ ଜବତ କରାଯାଇଥିଲା। ରବିବାର ନଦୀପଠାରେ ଲକ୍ଷ୍ମୀଙ୍କ ମୃତଦେହ ପଡିଥିବା ଖବରପାଇ ଆସିକା ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ଶେରଗଡ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ହିଞ୍ଜିଳି ଥାନାଅଧିକାରୀ ପ୍ରଶାନ୍ତ କୁମାର ସାହୁ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମିହିରିକଣାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ତାଙ୍କଠାରୁ ହତ୍ୟାକାଣ୍ଡର କାରଣ ଜଣାପଡିବ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସଡିପିଓ ପଣ୍ଡା କହିଛନ୍ତି।

**ଚୋରା କାଠ ଜବତ:** ଦିଗପହଣ୍ଡି,୧୨।୧୧(ଡି.ଏନ.ଏ.)–ଦିଗପହଣ୍ଡି ବନ ବିଭାଗ ପକ୍ଷରୁ ନୂଆପଡ଼ା ନିକଟ ପତିଗୋବିନ୍ଦପୁର ଗ୍ରାମରେ ସୋମବାର ସକାଳେ ଚଢ଼ାଉ କରାଯାଇ ପ୍ରାୟ ୨୫ ଘନଫୁଟ କାଠ ଜବତ କରାଯାଇଛି। ପରମାନନ୍ଦ ପାଣିଗ୍ରାହୀ, ପ୍ରଶାନ୍ତ କାର୍ଜୀ, ସୀତାରାମ ପାତ୍ର, ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ। ଶାଗୁଆନ, ଶାଳ, କସିଆଦିକିସମର କାଠ ଜବତ କରିବନ ବିଭାଗ ନଂ. ୧୭/୧୮–୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ଜବତ କାଠର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।






# ବିଦ୍ୟୁତ୍ ଆଘାତରେ ମନ୍ଦିର ପୂଜକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୨।୧୧(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ନଇତଡ଼ ସାହି ରାଧାକୃଷ୍ଣ ମନ୍ଦିରରେ ସୋମବାର ସକାଳେ ବିଦ୍ୟୁତ୍ ତାର ଲାଗି ପୂଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଳାସିଙ୍ଗି ଗ୍ରାମର ରବୀନ୍ଦ୍ର ନାଥ ସାହୁ (୬୦)। ରବୀନ୍ଦ୍ର ଦୀର୍ଘ ୧ ବର୍ଷ ହେବ ଉକ୍ତ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରୁଥିଲେ। କାର୍ତ୍ତିକମାସ ହେତୁ ସେ ଭୋରରୁ ପୂଜା ସାରିଥିଲେ। ମନ୍ଦିର ପରିସରରେ ବାତ୍ୟାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ଦେଖି ମନ୍ଦିରକୁ ଯାଇଥିବା କିଛି ମହିଳା ପାଟି କରିବାରୁ ଉପସ୍ଥିତ ଲୋକେ ମନ୍ଦିରର ବିଦ୍ୟୁତ୍ ମେନ୍ ସୁଇଚ୍ କାଟି ପୂଜକଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ଏସ୍‌ଆଇ ରବୀନ୍ଦ୍ରନାଥ ପାଣିଗ୍ରାହୀ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ନଂ.୨୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। କିଛି ବର୍ଷ ପୂର୍ବେ ପୂଜକଙ୍କ ପୁଅର ମୃତ୍ୟୁ ଘଟିଥିଲା। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସରପଞ୍ଚଙ୍କ ସମେତ ୨ ଜଣଙ୍କୁ ଆକ୍ରମଣ

ଛତ୍ରପୁର,୧୨।୧୧(ଡି.ଏନ.ଏ.)

ଛତ୍ରପୁର ବ୍ଲକ ବଡମାଧପୁର ସରପଞ୍ଚ ଶରତ ଖୁଣ୍ଟିଆ ଓ ଅଜିତ ମହାରଣାଙ୍କୁ ରବିବାର ରାତିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ସୋମବାର ଶରତ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଏତଲା ଆଧାରରେ ତଦନ୍ତ ଚାଲିଥିବା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଶରତ ଓ ଅଜିତ୍ ବରଙ୍ଗରୁ ବାଇକରେ ଫେରୁଥିବା ବେଳେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସେଲୁନ୍ ନିକଟରେ ଅଟକି ଅନ୍ୟ ୨ ଜଣଙ୍କ ସହ କଥା ହେଉଥିଲେ। ଏହି ସମୟରେ କେତେଜଣ ହଠାତ ସେଠାରେ ପହଞ୍ଚି ଅଶ୍ଳୀଳ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ହସ୍ତକ୍ଷେପ କରିବାରୁ ଅଜିତଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ଏପରିକି ସେମାନେ ଜୀବନରେ ମାରି ଦେବାର ଧମକ ଦେଇଥିଲେ। ସ୍ଥାନୀୟ କେତେଜଣ ହସ୍ତକ୍ଷେପ କରିବାରୁ କୌଶଳ କ୍ରମେ ଅଜିତ ଓ ମୁଁ ସେଠାରୁ ଖସି ଆସିଥିଲୁ ବୋଲି ଶରତ ଏତଲାରେ ଦର୍ଶାଇଛନ୍ତି। ଏତଲା ଦେବା ବେଳେ ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ, ସୁବାସ ସ୍ୱାଇଁ, ସୁଶାନ୍ତ ପ୍ରଧାନ, ସୁଦର୍ଶନ ଖୁଣ୍ଟିଆ, ମିଟୁ ପରିଡା, ଅଜିତ ସ୍ୱାଁଇ ପ୍ରମୁଖ ଉପସ୍ଥିତ ଥିଲେ ।






# ବାଣ ତିଆରି ବେଳେ ବିସ୍ଫୋରଣ, ଜଣେ ଆହତ

ଆସିକା,୧୨।୧୧ (ଡି.ଏନ୍.ଏ.):

ଆସିକା ଥାନା ନଳବଣ୍ଟା ଗ୍ରାମରେ ରବିବାର ରାତିରେ ବାଣ ତିଆରି ବେଳେ ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ସନା ପରିଡା । ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି । ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନଳବଣ୍ଟାରେ ତିଆରି ହେଉଥିବା ବାଣର ଚାହିଦା ଅଧିକ। ବର୍ଷସାରା ଜିଲା ତଥା ଜିଲା ବାହାରୁ ବ୍ୟବସାୟୀମାନେ ଏଠାରୁ ବାଣ ନେଇଥାନ୍ତି। ଦୀପାବଳି ସମୟରେ ମୁଖ୍ୟତଃ ଅଧିକ ବାଣ ବିକ୍ରି ହୋଇଥାଏ। ତେବେ ଚଳିତବର୍ଷ ପୋଲିସର କଟକଣା ଯୋଗୁ ନଳବଣ୍ଟାରେ ବାଣ ପ୍ରସ୍ତୁତି ବନ୍ଦ ହୋଇଥିଲା।

## ଗଞ୍ଜେଇ ଚୋରାଚାଲାଣ ମାମଲା

# ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ, ୧୨।୧୧

ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ସୋମବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ସୁଶାନ୍ତ ପଟେଲ ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଁଏ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୦ ହଜାର ଲେଖାଏଁ ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ବର୍ଷେ ଲେଖାଏଁ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ ସଙ୍କୁଳାଇର ପ୍ରମୋଦ କୁମାର ନାୟକ ଓ ବୀରବର କର୍ଣ୍ଣ ।

୨୦୧୪ ଅଗଷ୍ଟ ୨୨ ତାରିଖରେ ପ୍ରମୋଦ ଓ ବୀରବର ଗୋଛପଡା–ବୁନ୍ଦୁଲି ମଧ୍ୟରେ ଥିବା ଅକାପଡା ରାସ୍ତାରେ ୧୫ କେଜି ଗଞ୍ଜେଇ ଧରି ଏକ ବାଇକରେ ଠିଆ ହୋଇଥିଲେ । ବିଶେଷ ସୂତ୍ରରୁ ଖବରପାଇ ଗୋଚ୍ଛାପଡା ଥାନାଧିକାରୀ ସେଠାରେ ପହଞ୍ଚି ଉଭୟଙ୍କୁ ଯାଞ୍ଚ କଲା ବେଳେ ଗଞ୍ଜେଇ ମିଳିଥିଲା । ପୋଲିସ ଏହି ଘଟଣାରେ ସେ ସମୟରେ ନଂ.୩୫/୧୪ରେ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଶିବ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳାନା କରୁଥିଲେ ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ